# "ମୋର ସ୍ତ୍ରୀ ଏବଂ ପୁଅ ଶ୍ୱଶୁର ଘର ଲୋକଙ୍କ କଥାରେ ପଡ଼ି ସେଠାକୁ ଆସିଲେ ନାହିଁ" !

ମୋର ନାମ ସନ୍ତୋଷ କୁମାର ଦାଶ (ଛଦ୍ମନାମ) । ଘର କୋରାପୁଟ୍ ଜିଲ୍ଲାର କୋରାପୁଟ୍ ସଦର ଥାନା ଅଞ୍ଚଳରେ । ମୁଁ ଜେଲ୍‌ରେ ଚାକିରୀ କରେ । ମୋର ବାହାଘର ବୟସ ହୋଇ ଯିବାରୁ ଘରେ ବହୁ ଖୋଜା ଖୋଜି କଲେ । ବର୍ତ୍ତମାନ ସମୟରେ ଭଲପାଇ ବିବାହର ସଂଖ୍ୟା ମାତ୍ରାଧିକ ବୃଦ୍ଧିପାଇଥିବାରୁ ଗୋଟିଏ ଝିଅ ଖୋଜି ପାଇବା ଏବେ କାଠିକର ପାଠ । ମୋ ପାଇଁ ମୋ ପରିବାରର ଲୋକମାନେ ଝିଅ ଖୋଜି ଖୋଜି ନୟାନ୍ତ ହୋଇ ପଡ଼ିଲେ । ମୁଁ ସରକାରୀ ଚାକିରୀ କରିଥିବାରୁ ଆମ ଘରକୁ ମଧ୍ୟ ପ୍ରସ୍ତାବ ଆସୁଥିଲା । ମାତ୍ର ଘରେ ଭାଇ ଓ ଭଉଣୀମାନଙ୍କର ଇଚ୍ଛା ଥିଲା ଯେ, ପରିବାରରେ ଏକ ଗରୀବ ଘରର ଝିଅ ବୋହୁ ହେବା ପାଇଁ । ପ୍ରଥମେ ଗୋଟିଏ ଜାଗାରେ ବିବାହ ପ୍ରାୟ ଶେଷ ଅବସ୍ଥାରେ ଥିଲା । କିନ୍ତୁ କେହି ଜଣେ ପୁରୁଷ ମୋତେ ଫୋନ୍ କରି ଅନୁରୋଧ କଲେ ଯେ, ତାଙ୍କୁ ବିବାହ ନକରିବା ପାଇଁ । ଏହା ପରେ ପୁଣି ଏକ ଜାଗାରେ ବାହାଘର ପାଇଁ ନିମନ୍ତ୍ରଣ କାର୍ଡ଼ ଛପା ସରିଗଲା । ବାହାଘରର ମାତ୍ର ୮ଦିନ ପୂର୍ବରୁ ଉକ୍ତ ଝିଅ ତାଙ୍କ ପ୍ରେମିକ ସହିତ ଘରୁ ଲୁଚିକି ଚାଲିଗଲେ । ଏହି ଘଟଣା ପରେ ମୁଁ ସମ୍ପୂର୍ଣ୍ଣ ଭାଙ୍ଗି ପଡ଼ିଲି । ବହୁତ ଲାଜ ମୋତେ ଲାଗିଲା । ଏହି ସମୟରେ ଜଣେ ମଧ୍ୟସ୍ଥି ଆଉ ଏକ ପ୍ରସ୍ତାବ ନେଇ ଘରକୁ ଆସିଲେ । ଝିଅ ପାଠ ପଢ଼ିଥିଲା, ଦେଖିବା ପାଇଁ ମଧ୍ୟ ଠିକ୍ ଠାକ୍ ଥିଲା । ମୁଁ ରାଜି ହୋଇ ଗଲି । ବାହାଘର ହେବାକୁ ମାତ୍ର ୮ ଦିନ ଅଛି, ଝିଅ ଘରର ପରିବାର ଲୋକମାନେ ବାହାଘର ପାଇଁ ପଛଘୁଞ୍ଚା ଦେଲେ । ବୁଝୁବୁଝୁ ତାଙ୍କର ଘର ଲୋକମାନେ କହିଲେ, ଭୋଜିଭାତ ଏବଂ ବାହାଘରରେ ଖର୍ଚ୍ଚ ପାଇଁ ଆମେ ପ୍ରସ୍ତୁତ ନାହୁଁ । କୌଣସି ଜିନିଷ ନଦେଇ ଝିଅକୁ ଶାଶୁ ଘରକୁ ପଠାଇବା ଠିକ୍ କଥା ନୁହେଁ । ତାଙ୍କର ଏକଥା ଶୁଣିଲା ପରେ ମୁଁ ଦୁଇ ଲକ୍ଷ ଟଙ୍କା ତାଙ୍କ ଘରେ ନେଇ ଦେଇ ଆସିଲି । ବିବାହ ସମ୍ପର୍ଣ୍ଣ ହେଲା । ଏହାର ଠିକ୍ ଅଳ୍ପଦିନ ପରେ ମୁଁ ଖବର ପାଇଲି ଯେ, ମୋର ଶ୍ୱଶୁର ଘର ଲୋକମାନେ ବହୁ କରଜରେ ବୁଡ଼ି ରହିଛନ୍ତି । ଏହାପରେ ମୋର ସ୍ତ୍ରୀ ମୋତେ ବ୍ଲାକ୍‌ମେଲ୍ କରିବା ଆରମ୍ଭ କରିଦେଲା । ତା- ୨୨-୦୬-୨୦୧୪ରିଖରେ ମୋର ବାହାଘର । ତା- ୨୧-୦୮-୨୦୧୫ରିଖରେ ଆମର ଏକ ପୁତ୍ର ସନ୍ତାନ ଜନ୍ମଲାଭ କଲା । ମୋର ସ୍ତ୍ରୀ ମୋ ସହିତ କଳି ଝଗଡ଼ା କରିଥିଲେ ମଧ୍ୟ କ୍ଲିନିକ୍‌ରେ ପୁଅ ଜନ୍ମ ପାଇଁ ସମସ୍ତ ଖର୍ଚ୍ଚ କରିବା ପାଇଁ ମୋର କର୍ତ୍ତବ୍ୟ ମୁଁ କଲି । ପୁଅର ଏକୋଇଶିଆ ପୂଜା ଦିନ ସ୍ଥାନୀୟ ଏକ ମନ୍ଦିରରେ ଭୋଜିଭାତର ଆୟୋଜନ କରି ମୋର ସାଙ୍ଗସାଥୀ, ପରିଜନ ଓ ସମ୍ପର୍କୀୟ ସମସ୍ତଙ୍କୁ ଡାକି ସେଠାରେ ଏକ ଆୟୋଜନ କରାଯାଇଥିଲା । ମାତ୍ର ଯାହା ପାଇଁ ଏ ଆୟୋଜନ ସେମାନେ ସେଠାରେ କେହି ଉପସ୍ଥିତ ରହିଲେ ନାହିଁ । "ମୋର ସ୍ତ୍ରୀ ଏବଂ ପୁଅ ଶ୍ୱଶୁର ଘର ଲୋକଙ୍କ କଥାରେ ପଡ଼ି ସେଠାକୁ ଆସିଲେ ନାହିଁ" । ମାତ୍ର ଦାବି କଲେ ମୋର ଶ୍ୱଶୁର ଦୁଇ ଲକ୍ଷ ଟଙ୍କା ବାକି ହୋଇଛନ୍ତି । ଦୁଇ ଲକ୍ଷ ଟଙ୍କା ଦେଲେ ସେ ଆସିବେ । ସେତେବେଳକୁ ଲାଜରେ ମୋ ମୁହଁ ଶଢ଼ି ଗଲାଣି । ଠିକ୍ ଏହି ସମୟରେ ଟାଉନ୍ ଥାନାରୁ ଜୈନିକ ପୋଲିସ୍ କର୍ମଚାରୀ ଆସି ଥାନାକୁ ଆସନ୍ତୁ ବୋଲି ମୋତେ ଡାକି ନେଲେ । ମୁଁ ବାଧ୍ୟ ହୋଇ ଥାନାକୁ ମଧ୍ୟ ଗଲି । ସେଠାରେ ସମସ୍ତ କଥା ଆଲୋଚନା ହେଲାପରେ ଥାନାର ନିର୍ଦ୍ଦେଶ ଅନୁଯାୟୀ ସେ ଗଲେ ତାଙ୍କ ବାପ ଘରକୁ ମୁଁ ଆସିଲି ଭୋଜି ପାଖକୁ । ମୁଁ ଆସି ଭୋଜି ପାଖେ ଦେଖେତ କେହି ନାହାଁନ୍ତି । ସେଠାରେ ତାପରେ କିଭଳି ଘଟଣା ଘଟିଥିବ ଆପଣମାନେ ଚିନ୍ତା କରନ୍ତୁ । ସେହି ଦିନଠାରୁ ସ୍ତ୍ରୀ ଯାଇ ତାଙ୍କ ବାପ ଘରେ ରହୁଛନ୍ତି । ସବୁଦିନେ ମୋତେ ଧମକ ଦେଇ କହୁଛନ୍ତି, ଜୋଉ ଜେଲ୍‌ରେ ତୁ ଚୋର ମାନଙ୍କୁ ଜଗୁଥିଲୁ ତୋତେ ଓ ତୋ ପରିବାରକୁ ପୁରାଇ ଦେବି । ମୋ ବାପାଙ୍କର କରଜ ଟଙ୍କା ସୁଜି ଦେ । ନତୁବା ପରିସ୍ଥିତି ଭୟାବହ ହେବ । ବହୁ ଆଇନଜୀବୀ, ପୋଲିସ୍ ଭାଇ ଓ ସାମ୍ବାଦିକ ଯାହାକୁ ପଚାରିଲେ ମଧ୍ୟ ସମସ୍ତେ କହୁଛନ୍ତି, ମହିଳାଟିଏ କେସ୍ କରିଦେଲେ ପ୍ରଥମେ ମୁଁ ବନ୍ଧା ହେଇଯିବି । ତାପରେ ବିଚାର ହେବ ଅଦାଲତରେ । ଏକଥା ଭାବି ଭାବି ମୁଁ ଏବେ ରୋଗ ଗ୍ରସ୍ତ । ବ୍ଲଡ୍ ପ୍ରେସର, ଡାଇବେଟିସ୍ ଇତ୍ୟାଦି ରୋଗରେ ଆକ୍ରାନ୍ତ । ସତରେ କଣ ପୁରୁଷମାନଙ୍କ ପାଇଁ ଏ ଭାରତବର୍ଷରେ ଆଇନ୍ ନାହିଁ ............ ?

ବ୍ୟୋମକେଶ ତ୍ରିପାଠୀ (ଆଇନ୍‌ଜୀବୀ)
ପୁରୁଷ କମିଶନ୍ (ଆବାହକ)
ମୋ- ୯୪୩୭୧୬୪୩୯୯

ବି.ଦ୍ର: ଆପଣଙ୍କ ଜାଣତରେ ଯଦି କେଉଁଠି ପୁରୁଷ ନିର୍ଯ୍ୟାତନା ହେଉଛି ତେବେ ଆମକୁ ଜଣାନ୍ତୁ ଯଥା ସମ୍ଭବ ଆମେ ଆଇନ୍‌ଗତ ସହଯୋଗ କରିବୁ ।